# ଶ୍ରୀଅରବିନ୍ଦ
# ଓ
# ମାନବସମାଜର କଲ୍ୟାଣ*

"A total spiritual direction given to the whole life and the whole nature can alone lift humanity beyond of itself."

– Sri Aurobindo

''ସମଗ୍ର ଜୀବନ ଓ ସମଗ୍ର ପ୍ରକୃତିକୁ ଏକମାତ୍ର ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ପଥରେ ପରିଚାଳନା ଦ୍ୱାରାହିଁ ମାନବଜାତିକୁ ଉର୍ଦ୍ଧ୍ୱକୁ ଉଠାଇ ନିଆଯାଇ ପାରେ।''

– ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ ଓ ବିଚାର-ଧାରାରୁ ଏକଥା ସ୍ପଷ୍ଟ ଯେ ବର୍ତ୍ତମାନ ମୁହୂର୍ତ୍ତରେ ମାନବସମାଜର କଲ୍ୟାଣ-ସାଧନର ଯଥାର୍ଥ ଉପାୟ ହେଲା ଜୀବନ ଓ ପ୍ରକୃତି, ବ୍ୟଷ୍ଟି ଓ ଗୋଷ୍ଠୀର ଆଧ୍ୟାତ୍ମୀକରଣ ବା ଆଧ୍ୟାତ୍ମିକ ରୂପାନ୍ତର (Spiritual Transformation)। ଶ୍ରୀଅରବିନ୍ଦ ଦୀର୍ଘକାଳବ୍ୟାପୀ ଯେଉଁ ଗଭୀର ସାଧନା କରି ଯାଇଛନ୍ତି, ସ୍ୱୀୟ ଅଖଣ୍ଡ ତପସ୍ୟା ଦ୍ୱାରା ମାନବଜାତି ନିମିତ୍ତ ଯେଉଁ ସିଦ୍ଧି ଓ ଆଧ୍ୟାତ୍ମିକ ଶକ୍ତିକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠା କରିଛନ୍ତି, ତାହା ହେଲା ପାର୍ଥିବ ଜୀବନର ଏକ ଆମୂଳଚୂଳ ରୂପାନ୍ତର ଏବଂ ଏହି ରୂପାନ୍ତର ଫଳରେ ମନୁଷ୍ୟୋତ୍ତର ଅତିମାନସ-ଜୀବନ ବା ଦିବ୍ୟଜୀବନର ପ୍ରତିଷ୍ଠା।

* ୧୯୬୧ ମସିହା ୧୫ ଅଗଷ୍ଟ, ଶ୍ରୀଅରବିନ୍ଦଙ୍କ-ଜୟନ୍ତୀ ଉପଲକ୍ଷେ ଦୈନିକ 'ସମାଜ'ର ବିଶେଷାଙ୍କରେ ଏହି ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା।

ପୃଥିବୀପୃଷ୍ଠରେ 'ଦିବ୍ୟ-ଜୀବନ' ପ୍ରତିଷ୍ଠାହିଁ ଶ୍ରୀଅରବିନ୍ଦଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ମୋଟରେ କହିବାକୁ ଗଲେ ମାନବସମାଜର କଲ୍ୟାଣ ନିମିତ୍ତ ଶ୍ରୀଅରବିନ୍ଦ ଯେଉଁ ମାର୍ଗ ଦେଖାଇଛନ୍ତି ତାହା ହେଲା ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନର ଆଧ୍ୟାତ୍ମିକ ରୂପାନ୍ତର ।

ଏହି ସମ୍ବନ୍ଧରେ ଆମ୍ଭେମାନେ ତିନୋଟି ପ୍ରଶ୍ନର ଉତ୍‌ଥାପନ କରିବା । ପ୍ରଥମତଃ ଆଧ୍ୟାତ୍ମିକତାର ଅର୍ଥ କ'ଣ ? ଦ୍ୱିତୀୟତଃ ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ କ'ଣ ? ତୃତୀୟତଃ ଜୀବନ ଓ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତରହିଁ ମାନବସମାଜର କଲ୍ୟାଣ-ସାଧନର ଯେ ଏକମାତ୍ର ଉପାୟ, ଏହା କିପରି କୁହାଯାଇପାରେ ?

## ଆଧ୍ୟାତ୍ମିକତାର ଅର୍ଥ

ପ୍ରଥମରୁ ଏକଥା ସ୍ପଷ୍ଟ କରିଦେବା ଉଚିତ୍ ଯେ ନୈତିକତା ଆଧ୍ୟାତ୍ମିକତା ନୁହେଁ । ନୈତିକତା ଓ ନୀତିଗତ ସିଦ୍ଧାନ୍ତ ମନୋଗଠିତ ବା ମନ-ନିର୍ମିତ । ନୈତିକତାର ମୂଳଉତ୍ସହିଁ ମନୁଷ୍ୟର ବିଭେଦମୂଳକ ମନ । ମନର ନିୟମନ, ଶୃଙ୍ଖଳା, ନିୟନ୍ତ୍ରଣ ଏବଂ ସୁଶାସନହିଁ ନୈତିକତା । ଏହି ମନନିର୍ମିତ ନୈତିକ ଜୀବନ ଆଦର୍ଶ ଜୀବନ ବା ମାର୍ଜିତ, ରୁଚିସମ୍ପନ୍ନ ଓ କଲ୍ୟାଣମୟ ଜୀବନ ହୋଇପାରେ; ମାତ୍ର ଆଧ୍ୟାତ୍ମିକତା ସଙ୍ଗେ ଏହାର କିଛି ବି ସମ୍ପର୍କ ନ ଥାଏ । ବରଂ ଆଧ୍ୟାତ୍ମିକ ଜୀବନଯାପନର ପଥରେ ଏହା ବେଳେ ବେଳେ ଘୋର ପ୍ରତିବନ୍ଧକ ରୂପେ ଛିଡ଼ା ହୁଏ । ନୈତିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ । ବିଭିନ୍ନ ଦେଶରେ ନୈତିକତାରେ ତାରତମ୍ୟ ଦେଖାଯାଏ । ଏହାକୁ କେହି କେହି ସାମାଜିକତା କହିପାରନ୍ତି, ତେବେ ଆଧ୍ୟାତ୍ମିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ ନୁହେଁ । ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକତାର ପ୍ରଚଳନ ନାହିଁ । ନୈତିକତା ଦ୍ୱାରା ଅହଂକାରର ମୂଳୋଚ୍ଛେଦ ଘଟେ ନାହିଁ; ପ୍ରକୃତିର ବିଭିନ୍ନ ବୃତ୍ତିଚୟର ପରିବର୍ତ୍ତନ ଘଟେ ନାହିଁ । ଆଧ୍ୟାତ୍ମିକତାର ଅର୍ଥହିଁ ହେଲା

ଅହଂକାରର ବିଲୋପ ଓ ବୃହତ୍ତର ଦିବ୍ୟ ଭାଗବତ ସତ୍ତା ସଙ୍ଗେ ସଂଯୋଗ-ସ୍ଥାପନ । ଏହା ଦ୍ୱାରା ମାନବିକ ବୃତ୍ତିଚୟର ଯଥେଷ୍ଟ ପରିବର୍ତ୍ତନ ଦେଖାଯାଏ; ଏପରିକି ସମ୍ପୂର୍ଣ୍ଣ ରୂପେ ଜୀବନ ଓ ପ୍ରକୃତିର ରୂପାନ୍ତର ଘଟିପାରେ । ତୃତୀୟତଃ ନୈତିକତା ମାନବ-ପ୍ରକୃତିର ଦୁର୍ଦ୍ଦାନ୍ତ ବୃତ୍ତିଗୁଡ଼ିକ ଉପରେ ଲଗାମ ଟାଣେ; କିନ୍ତୁ କୌଣସି ମୁହୂର୍ତ୍ତରେ ବି ପ୍ରକୃତି ଏ ଲଗାମକୁ ଛିଡ଼ାଇ ଦିଏ । ପ୍ରବୃତ୍ତିର ଉଦ୍ଦାମ ଲୀଳାରେ ବେଳେ ବେଳେ ସବୁ  ନୀତିଶାସ୍ତ୍ର ପଣ୍ଡ ହୁଏ । ଆଧ୍ୟାତ୍ମିକ ଜୀବନର ଯଥାର୍ଥ ପ୍ରକାଶରେ ଏହା କେବେ ବି ଘଟେ ନାହିଁ । ଯେହେତୁ ଭାଗବତ ଶକ୍ତି ମନୁଷ୍ୟଜୀବନର ପରିଚାଳନା-ଭାର ଗ୍ରହଣ କରନ୍ତି, ସେଥିପାଇଁ ସମଗ୍ର ଜୀବନ ଉପରେ ସେ ଯଥାର୍ଥ କର୍ତ୍ତୃତ୍ୱ ସ୍ଥାପନ କରନ୍ତି । ଚତୁର୍ଥତଃ ନୈତିକ ଭିତ୍ତି ଖୁବ୍ ଅଦୃଢ଼ ଓ ପରିବର୍ତ୍ତନଶୀଳ; କିନ୍ତୁ ଆଧ୍ୟାତ୍ମିକତା ଆଦୌ ଏକ ପରିବର୍ତ୍ତନଶୀଳ ବୃତ୍ତି ଓ ଗୁଣ ନୁହେଁ । ଏହାର କ୍ରମବିକାଶ ଥାଇପାରେ; ମାତ୍ର ମୂଳ ଧର୍ମରେ ଏହା ସର୍ବତ୍ର ସମାନ ଓ ଅପରିବର୍ତ୍ତନୀୟ । ଆଧ୍ୟାତ୍ମ-ଜୀବନର ଅସଲ କଥା ହେଲା ଭାଗବତ ଚେତନାରେ ବାସ କରିବା, ସେହି ଚେତନାର ବାହନ ବା ଯନ୍ତ୍ର ହେବା ଏବଂ ତାହା ଦ୍ୱାରା ସମଗ୍ର ଜୀବନକୁ ପୂର୍ଣ୍ଣ ରୂପେ ରୂପାନ୍ତରିତ କରିବା ।

ଅନ୍ୟ ପକ୍ଷରେ ଧର୍ମ-ଜୀବନ ମଧ୍ୟ ଆଧ୍ୟାତ୍ମିକ ଜୀବନ ନୁହେଁ । ଯଥାର୍ଥ ଧର୍ମ-ଜୀବନ ଆଧ୍ୟାତ୍ମିକ ଜୀବନପ୍ରାପ୍ତି ପଥରେ ସହାୟକ ହୋଇପାରେ; କିନ୍ତୁ ତାହା ଆଧ୍ୟାତ୍ମିକ ଜୀବନ ନୁହେଁ । ଆଧ୍ୟାତ୍ମିକ ଜୀବନ ଏକ ନବଜନ୍ମ (New Birth) । ଧର୍ମ-ଜୀବନ ସଂକୀର୍ଣ୍ଣ, ପ୍ରାଦେଶିକ, ସାଂପ୍ରଦାୟିକ ଓ ନାନା କୁସଂସ୍କାରଜଡ଼ିତ । ନାନା ପ୍ରକାର ପ୍ରଥା ଓ ରୀତି-ନୀତି ଆଚାର-ପଦ୍ଧତି, କ୍ରିୟା-କର୍ମଦ୍ୱାରା ଏହା ବିଶାଳ ଜୀବନ-ଧାରାକୁ ଅନନ୍ତ, ମହାନ୍, ବିରାଟ ଭାଗବତ ଜୀବନ ଆଡ଼କୁ ନେଇ ଯିବାକୁ ଏକ ଅତି କ୍ଷୀଣ ଚେଷ୍ଟା କରେ । ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଧର୍ମ-ଜୀବନ ସ୍ୱୀକାର କରେ ନାହିଁ ଏବଂ ଧର୍ମ-ଜୀବନ ସର୍ବଦାହିଁ ବୈଚିତ୍ର୍ୟ-ବିବର୍ଜିତ । ଅଧ୍ୟାତ୍ମ-ଜୀବନ କିନ୍ତୁ ସ୍ୱନିର୍ଦ୍ଦିଷ୍ଟ ଭାଗବତ ଶକ୍ତି ଓ ଅନ୍ତରର ଗଭୀର ନିର୍ଦ୍ଦେଶ ଦ୍ୱାରା ଚାଳିତ, ବହୁମୁଖୀ ଓ ବୈଚିତ୍ର୍ୟମୟ । ଏହା ମଧ୍ୟ ସତ୍ୟ

ଯେ ଧର୍ମ-ଜୀବନ ଏକ ମିଶ୍ରିତ ବାୟୁମଣ୍ଡଳ ମଧ୍ୟରେ ଗତିକରେ, କିନ୍ତୁ ଆଧ୍ୟାତ୍ମିକ ଜୀବନ ବିଶୁଦ୍ଧ ଭାଗବତ ବିଧାନ ଦ୍ୱାରା ପରିଚାଳିତ ହୁଏ ।

ଆଧ୍ୟାତ୍ମିକତାର ଅର୍ଥ ଯଦି ନୈତିକତା ନୁହେଁ, ଧାର୍ମିକତା ନୁହେଁ, ତେବେ ଏହାର ଯଥାର୍ଥ ଅର୍ଥ କ'ଣ ? ଶ୍ରୀଅରବିନ୍ଦଙ୍କ ନିଜ ଭାଷାରେ, ଏହାହିଁ ଆଧ୍ୟାତ୍ମିକତାର ଅର୍ଥ : ''ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟିଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ; ମନର ନୈତିକ ଦୃଷ୍ଟି ଅଥବା ନୈତିକ ଶୁଦ୍ଧି ଅଥବା ତପସ୍ୟା ନୁହେଁ, ଧାର୍ମିକତା ଅଥବା ଗୋଟାଏ ତୀବ୍ର ଭାବମୟ ପ୍ରେରଣା ନୁହେଁ; ଏପରିକି ଏହିସବୁ ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଗୋଟାଏ ଭାଗବତ ପ୍ରେରଣା, ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ ।... ଆମ୍ଭମାନଙ୍କ ଅନ୍ତରସତ୍ତାରେ ଜାଗ୍ରତ ହେବା, ଆତ୍ମାରେ, ଆତ୍ମପୁରୁଷରେ, ଚୈତ୍ୟସତ୍ତାରେ ଜାଗ୍ରତ ହେବା, ଯାହା ଆମ୍ଭର ଦେହ-ପ୍ରାଣ-ମନଠାରୁ ପୃଥକ୍ ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଏକ ଆନ୍ତର ଅଭୀପ୍ସା କରିବା; ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱଗତ ଏବଂ ଆମ୍ଭମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ, ତାହାର ସଂସ୍ପର୍ଶରେ ଆସିବା; ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ଏବଂ ସେହି ସଂସ୍ପର୍ଶ, ଏକତ୍ୱରୁ ଉଦ୍ଭୂତ ନବଜନ୍ମ ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ... ଏହିସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।'' (ଦିବ୍ୟଜୀବନ, ୭୬୨ ପୃଷ୍ଠା) ଏଥିରୁ ଏହାହିଁ ସ୍ପଷ୍ଟ ଯେ ଆଧ୍ୟାତ୍ମିକତାର ଗୂଢ଼ ଅର୍ଥ ହେଲା ଅନ୍ତରରେ ଦିବ୍ୟ-ଚୈତନ୍ୟରେ ଅଭିଷିକ୍ତ ହେବା, ସେହି ଚେତନାକୁ ଜୀବନରେ ପ୍ରକଟ କରିବା ଏବଂ ତଦ୍ଦ୍ୱାରା ଜୀବନର ବିଭିନ୍ନ ଗତିବୃତ୍ତିର ରୂପାନ୍ତର ସାଧନ କରିବା ।

# ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ

ଭାରତର ଆଧ୍ୟାତ୍ମିକ ପରମ୍ପରା ଓ ସାଧନା ଅତି ପ୍ରାଚୀନ । ଲକ୍ଷ୍ୟ କରିବାର କଥା ଯେ ଭାରତର ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି ଯଦିଓ ବେଦ, ଉପନିଷଦ ଓ ଗୀତା, ତଥାପି କାଳକ୍ରମେ ବିକାଶ-ମାର୍ଗରେ ଏହା ଗୋଟିଏ ନିର୍ଦ୍ଦିଷ୍ଟ ରୂପଧାରଣ କରିଛି । ସବୁ କ୍ଷେତ୍ରରେ ଏ କଥା ସ୍ୱୀକୃତ ହୋଇଛି ଯେ, ଆଧ୍ୟାତ୍ମିକ ସାଧନାର ପରମ ରହସ୍ୟହିଁ ଭଗବତ୍ ପ୍ରାପ୍ତି, ଭାଗବତ ସିଦ୍ଧି; କିନ୍ତୁ ଏହି ଭଗବତ୍ ପ୍ରାପ୍ତିର ଅର୍ଥହିଁ ପାର୍ଥିବ ଜୀବନରୁ ମୁକ୍ତି, ମୋକ୍ଷ ବା ନିର୍ବାଣ । ନିର୍ବିଶେଷ, ଅବ୍ୟୟ, ଅକ୍ଷର ବ୍ରହ୍ମରେ ବିଲୀନ ହେବା ବା ଗୋଲୋକ, ବୃନ୍ଦାବନ, ବୈକୁଣ୍ଠରେ ଭଗବତ୍ ସାନ୍ନିଧ ଲାଭ କରି ପ୍ରଭୁଙ୍କ ଲୀଳା-ସହଚର ହେବା ଆଧ୍ୟାତ୍ମିକ ସାଧନାର ମୁଖ୍ୟ ଅର୍ଥ । ଏବଂ ବିଧ ଆଧ୍ୟାତ୍ମିକତା ପାର୍ଥିବ ଜୀବନ, ଇହଲୋକ ବା କର୍ମମୟ ଜୀବନର କୌଣସି ସମାଧାନ କରି ନାହିଁ । ଏଠାରେ କୌଣସିମତେ ଊର୍ଦ୍ଧ୍ୱଲୋକକୁ ପଳାୟନରେ ସମସ୍ୟାର ସମାଧାନ କରିଛି । କର୍ମ ଓ ଜୀବନ ସଙ୍ଗେ ଆଧ୍ୟାତ୍ମିକତାର ମେଳ ଘଟି ନାହିଁ । ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ଅବତାର ଓ ବିଭୂତିଗଣ ଏହି ଏକହିଁ ଧାରାରେ ଚାଲିଥିଲେ, ଯଦିଓ ପ୍ରତ୍ୟେକଙ୍କର ସିଦ୍ଧି ପାର୍ଥିବ ଜୀବନ ନିମିତ୍ତ ଅତି ଆବଶ୍ୟକ ଥିଲା । ଗୀତାରେ କର୍ମ, ଜୀବନ ଓ ପୃଥିବୀ ସଙ୍ଗେ ଆଧ୍ୟାତ୍ମିକତାର ଯଦିଓ ସମାଞ୍ଜସ୍ୟ କରାଯାଇଛି, ତଥାପି ଗୀତା ଭାଗବତ ଶକ୍ତି ଦ୍ୱାରା ଜୀବନର ପୂର୍ଣ୍ଣ ରୂପାନ୍ତର କଥା କହି ନାହିଁ । ପୁନଶ୍ଚ ଗୀତାର ଆଦର୍ଶ ମଧ୍ୟ ଜଗତ୍‌ରେ ପ୍ରତିଷ୍ଠିତ ହୋଇପାରି ନାହିଁ । ସୁତାରଂ ଆଧ୍ୟାତ୍ମିକ ଜୀବନ କହିବା ମାତ୍ରେ ଆମ୍ଭେମାନେ ପାର୍ଥିବ ଜୀବନର ବର୍ଜ୍ଜନ, ତ୍ୟାଗ, ଅବନତି ବା ଅଧୋଗତିର କଥା ଭାବୁ । ଏହି କ୍ଷେତ୍ରରେହିଁ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସାଧନାର ବୈଶିଷ୍ଟ୍ୟ ରହିଛି । ଆଧ୍ୟାତ୍ମିକତାର ଅର୍ଥ କେବଳ ମୁକ୍ତି ବା ମୋକ୍ଷ ନୁହେଁ, ବରଂ ଜୀବନରେ ଭାଗବତ ଶକ୍ତିର ପ୍ରକାଶ, ପରା-ପ୍ରକୃତିର ପ୍ରତିଷ୍ଠା ଏବଂ ଭାଗବତ ଚୈତନ୍ୟ ଓ ଜ୍ୟୋତିଃ ଦ୍ୱାରା ଜୀବନ

ଓ ପ୍ରକୃତିର ଚରମ ରୂପାନ୍ତର । ଏହାହିଁ ''ଦିବ୍ୟ ଜୀବନ'' । ଏହି ଆଧ୍ୟାତ୍ମିକ ରୂପାନ୍ତର ହେଲା ସତ୍ତାନ୍ତର, ଏକ ନବଜନ୍ମ, ନବୀନ ତତ୍ତ୍ୱ ଓ ଶକ୍ତିରେ ଉତ୍‌ଥାନ । ଯଦି ମାନବ-ପ୍ରକୃତିର ଚରମ ରୂପାନ୍ତର ସାଧିତ ହୁଏ, ତେବେ ପୃଥିବୀ ପୃଷ୍ଠରେ ଦିବ୍ୟ ଜୀବନ ଅଥବା ମାନବୋତ୍ତର ଅତିମାନସ ଜୀବନ ପ୍ରତିଷ୍ଠିତ ହେବ । ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତି (New Race) ଓ ନୂତନ ଯୁଗର କଥା କହୁଛନ୍ତି ତାହାହିଁ ହେଲା ଦିବ୍ୟଜୀବନ ଓ ଦିବ୍ୟ ମାନବସମାଜ । ଏହା ଯେ କେବଳ ତାଙ୍କ ସାଧନାର ଅଭିପ୍ରେତ ଲକ୍ଷ୍ୟ ତାହା ନୁହେଁ, ବରଂ ଏହାହିଁ ପ୍ରକୃତିର ବିବର୍ତ୍ତନଧାରାରେ ଏକ ଅନିବାର୍ଯ୍ୟ ପରିଣାମ । ବର୍ତ୍ତମାନ ମନୁଷ୍ୟ ଏକ ଅର୍ଦ୍ଧପଶୁ, ଅସମ୍ପୂର୍ଣ୍ଣ ପ୍ରାକୃତିକ ପରିଣାମ । ପ୍ରକୃତି ମନୁଷ୍ୟୋତ୍ତର ଅନ୍ୟ ଏକ ପୂର୍ଣ୍ଣାଙ୍ଗ ଜୀବନ ନିଶ୍ଚୟ ସୃଷ୍ଟି କରିପାରେ ଏବଂ ତାହାହିଁ ଅତିମାନବ ଜୀବନ ।

ଏହିଠାରେ ଗୋଟିଏ କଥା ଅତି ସଂକ୍ଷେପରେ ସୂଚାଇ ଦେବା ଉଚିତ୍ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ରୂପାନ୍ତର-ସାଧନାର ଦୁଇଟି ଦିଗ ଅଛି, ପ୍ରଥମତଃ ସେ ଚାହିଁଥିଲେ ପୃଥିବୀପୃଷ୍ଠରେ ଏପରି ଏକ ପ୍ରବଳ ଆଧ୍ୟାତ୍ମିକ ଶକ୍ତିକୁ ଅବତରଣ କରାଇବାକୁ ହେବ ଯାହା ମାନବ-ପ୍ରକୃତିର ରୂପାନ୍ତରରେ ସକ୍ଷମ ହେବ । ଦ୍ୱିତୀୟତଃ ଏହି ଆଧ୍ୟାତ୍ମିକ ଶକ୍ତିର ଅବତରଣ ଘଟିଲେ ଏପରି ଏକ ମାର୍ଗ ଓ ପଥ ନିର୍ଦ୍ଦିଷ୍ଟ କରିବାକୁ ହେବ ଯାହା ଦ୍ୱାରା ମାନବସମାଜ ଏହାକୁ ଗ୍ରହଣ କରି ନିଜକୁ ରୂପାନ୍ତରିତ କରିପାରିବ । ସ୍ୱୀୟ ସାଧନା ଦ୍ୱାରା ପୃଥିବୀପୃଷ୍ଠରେ ଯେଉଁ ଆଧ୍ୟାତ୍ମିକ ଶକ୍ତିକୁ ଶ୍ରୀଅରବିନ୍ଦ ଅବତରଣ କରାଇଛନ୍ତି, ତାହା ହେଲା ଅତିମାନସ ଦିବ୍ୟ ଶକ୍ତି । ଏହି ଶକ୍ତି ଆଜି ସମଗ୍ର ଜଗତରେ କ୍ରିୟାଶୀଳ । ଯେଉଁ ପନ୍ଥା ଓ ମାର୍ଗ ଅନୁସରଣ ଦ୍ୱାରା ଏହି ଶକ୍ତି ମାନବ-ଜୀବନକୁ ରୂପାନ୍ତରିତ କରିପାରିବ ତାହାହିଁ ଅଧ୍ୟାତ୍ମ ଜୀବନ ।

## ମାନବସମାଜର କଲ୍ୟାଣ

ବର୍ତ୍ତମାନ ପ୍ରଶ୍ନ ହେଉଛି, ମାନବ-ଜୀବନ ଓ ମାନବ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତର ଦ୍ୱାରା ମାନବ-ସମାଜର ବୃହତ୍ତର କଲ୍ୟାଣ କିପରି ସାଧିତ ହେବ ? ମାନବ-ସମାଜର ଦୁଃଖ-ନିବାରଣ ନିମିତ୍ତ ସମାଜର ସୃଷ୍ଟି କାଳରୁ ବହୁବିଧ ପ୍ରଚେଷ୍ଟା, ଉଦ୍ୟମ ଓ ପ୍ରଯତ୍ନ ହୋଇଆସିଛି । ଏହି ପ୍ରଚେଷ୍ଟା, ମୁଖ୍ୟତଃ ଦ୍ୱିବିଧ । କେତେକ ବିଶ୍ୱାସ କରନ୍ତି ଯେ ମନୁଷ୍ୟର ପାରିପାର୍ଶ୍ୱିକ ଅବସ୍ଥା ଓ ବାତାବରଣର ପରିବର୍ତ୍ତନ ଦ୍ୱାରା, ଭୌତିକ ପରିସ୍ଥିତିର ଅଦଳ-ବଦଳ ଦ୍ୱାରା, ମନୁଷ୍ୟ-ଜୀବନର ଦୁଃଖର ନିବାରଣ କରାଯାଇ ଯଥାର୍ଥ ଜନକଲ୍ୟାଣ ସାଧନ କରାଯାଇପାରେ । ଶିଳ୍ପ, ବାଣିଜ୍ୟ, କଳ, କାରଖାନାର ପ୍ରତିଷ୍ଠା, ରାସ୍ତାଘାଟ ନିର୍ମାଣ, ଅଧିକ ଉତ୍ପାଦନ, ଶିକ୍ଷା, ଔଷଧ, ବାସଗୃହ, ପାନୀୟ ଜଳ ଇତ୍ୟାଦିର ଉପଯୁକ୍ତ ବନ୍ଦୋବସ୍ତ ଦ୍ୱାରା ଜନସମାଜର ଦୁଃଖ ଦୂର କରାଯାଇ ପାରିବ । ଏହି ମାର୍ଗ ଅନୁସରଣ କଲେ ବାହାରୁ ମନୁଷ୍ୟକୁ ନିୟନ୍ତ୍ରଣ କରିବାକୁ ହୁଏ, ମନେ କରାଯାଏ ଯେ ରାଷ୍ଟ୍ରାୟତ୍ତ ସୁବ୍ୟବସ୍ଥିତ ଶାସନ ଦ୍ୱାରା ମନୁଷ୍ୟର ସକଳ ସମସ୍ୟାର ସମାଧାନ ହୋଇଯିବ, ମନୁଷ୍ୟ ଏହା ଦ୍ୱାରା ଜୀବନକୁ ଓ ତାହାର ଅନ୍ତରର ବିକାଶକୁ ବାହ୍ୟ ଶାସନ-ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରଣ କରିବାକୁ ହେବ; କିନ୍ତୁ ଏହି ମାର୍ଗ ଅନୁସରଣ କରାଯାଇ ଦେଖାଯାଇଛି ଯେ, ମନୁଷ୍ୟର ଆନ୍ତର ଜୀବନ ପଙ୍ଗୁ, ନିସ୍ତେଜ ଓ ନିଷ୍ପ୍ରଭ ହୋଇଯାଉଛି । ସକଳ ଦିଗରେ ମନୁଷ୍ୟ ନଭଶ୍ଚୁମ୍ବୀ ଅଗ୍ରଗତି କରି ମଧ୍ୟ, ଚନ୍ଦ୍ରଲୋକରେ ଆଜି ପହଞ୍ଚି ମଧ୍ୟ ଏକ ଗଭୀର ଓ ମହାନ୍ ସଂକଟର ସମ୍ମୁଖୀନ ହୋଇଛି । ସାମାଜିକ, ରାଜନୈତିକ, ନୈତିକ ଓ ଶିକ୍ଷାଗତ ସମସ୍ତ ସମସ୍ୟା ଆଜି ମନୁଷ୍ୟ ପାଖରେ ଅମୀମାଂସିତ ରହୁଛି । ଯୁକ୍ତି, ବୁଦ୍ଧି, ବିଜ୍ଞାନ, ଶିଳ୍ପ, ଯନ୍ତ୍ର, କଳକବ୍ଜା, କର୍ମଦକ୍ଷତା, ଜୀବନବାଦ ଏହିସବୁକୁ ଆଦର୍ଶ କରି ପାଶ୍ଚାତ୍ୟ ଦେଶ ଯେପରି ଗୋଟାକ ପରେ ଗୋଟାଏ ଯୁଦ୍ଧରେ ପିଷ୍ଟ ହୋଇଯାଉଛି । ଆଜି କେତେକ ବ୍ୟାପାର ଘେନି ତୃତୀୟ ମହାଯୁଦ୍ଧର ଘନ-

କୃଷ୍ଣ-ମେଘମାଳା ମାନବଜାତିର ମସ୍ତକ ଉପରେ ଝୁଲୁଛି । ମୂଳ ସତ୍ୟ ହେଉଛି ବାହାରରୁ କୌଣସି ପ୍ରକାର ଅଳ୍ପବେଶୀ ନିମ୍ନତର ଶକ୍ତି ଦ୍ୱାରା, ସଂସ୍ଥା ଦ୍ୱାରା, ସଂଗଠନ ଦ୍ୱାରା, ଆଦର୍ଶ ଓ ନୈତିକ ସଂସ୍କାର-ବିଧାନ ଦ୍ୱାରା ମାନବ-ସମାଜକୁ ନିୟନ୍ତ୍ରଣ କରିବାର ସକଳ ପ୍ରଚେଷ୍ଟା ବୃଥା ହୋଇଛି । ସୁତରାଂ ଆମ୍ଭମାନଙ୍କୁ ମନୁଷ୍ୟର ଅନ୍ତରାତ୍ମିକ ଜୀବନ ପ୍ରତି ଦୃଷ୍ଟିପାତ କରିବାକୁ ହେବ । ଏହିଠାରେହିଁ ସକଳ ମନୁଷ୍ୟ-ସମସ୍ୟାର ସମାଧାନ । ସୁତରାଂ ତାହାର ଦୁଃଖ-ନିବାରଣର ଏକମାତ୍ର ଉପାୟ ହେଲା ତାହା ମଧ୍ୟରେ ଏକ ଆଧ୍ୟାତ୍ମିକ ବିପ୍ଳବ ଆଣିବା । ଏହି ବିପ୍ଳବ ଦ୍ୱାରା ତାହା ମଧ୍ୟରୁ ହିଂସା, ଦ୍ୱେଷ, କଳହ, ଈର୍ଷା, କାମ, କ୍ରୋଧ ଇତ୍ୟାଦି ଅନ୍ଧକାର ଅଜ୍ଞାନ ଶକ୍ତିର କ୍ରିୟା ଦୂର ହେବ ଏବଂ ତାହା ମଧ୍ୟରେ ଶାନ୍ତି, ସମତା, ଐକ୍ୟ, ସମନ୍ୱୟ ଓ ଭ୍ରାତୃତ୍ୱ ଦେଖା ଦେବ । ଯେପର୍ଯ୍ୟନ୍ତ ମନୁଷ୍ୟ-ଜୀବନ ଅନ୍ତରରୁ ଗଠିତ ନ ହୋଇଛି, ବାହାରର ସକଳ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ସେ ସୁଖୀ ହୋଇ ପାରିବ ନାହିଁ । ଅତଏବ ଆନ୍ତର୍ଜିବନ ଦ୍ୱାରାହିଁ ବାହ୍ୟ ଜୀବନକୁ ନିୟନ୍ତ୍ରିତ କରିବାକୁ ହେବ – ଓଲଟା ନୁହେଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ଯାଇ କର୍ମ-ଜୀବନ ଓ ସଂସାରକୁ ବର୍ଜନ କରିବାକୁ ହେବ । ବରଂ ଦିବ୍ୟଶକ୍ତିର ଚାଳନା ଦ୍ୱାରା ସେସବୁକୁ ଯଥାର୍ଥ ରୂପେ ଗ୍ରହଣ କରି ଜନସମାଜର କଲ୍ୟାଣ ସାଧନ କରିବାକୁ ହେବ ।

ସୁତରାଂ ଆମ୍ଭେମାନେ ଗଭୀର ଭାବେ ଦୃଷ୍ଟିପାତ କଲେ ବୁଝି ପାରିବା ଯେ ବର୍ତ୍ତମାନ ମାନବ-ଜାତିର ସମସ୍ୟା ରାଷ୍ଟ୍ରିକ (political) ନୁହେଁ, ଆର୍ଥନଭଭୀତିକ(Econonic) ନୁହେଁ, ପରିସ୍ଥିତିମୂଳକ (Environmental) ନୁହେଁ, ବରଂ ମନସ୍ତାତ୍ତ୍ୱିକ (psychological) ଓ ବିବର୍ତ୍ତନମୂଳକ (Evolutionary) । ଆଉ ଦୃଢ଼ ଭାବରେ କହିବାକୁ ଗଲେ ମାନବଜାତି ଯଥାର୍ଥରେ ଏକ ଆଧ୍ୟାତ୍ମିକ ସଂକଟ (Spiritual Crisis) ର ସମ୍ମୁଖୀନ ହୋଇଛି । ଏହି ଘୋର ସଙ୍କଟ କାଳ ଓ ଆସନ୍ନ ବିପଦ ଉପସ୍ଥିତି ଜାଣି ଶ୍ରୀଅରବିନ୍ଦ ଚାଳିଶ ବର୍ଷ ଧରି ଅଧ୍ୟାତ୍ମ-ସାଧନା କରି ମାନବ ଜାତିର କଲ୍ୟାଣ ନିମିତ୍ତ ରକ୍ଷାକବଚ ରୂପେ

''ଅତିମାନସ'' ଦିବ୍ୟଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଆଣିଛନ୍ତି । ବର୍ତ୍ତମାନ ମାନବିକ ସମସ୍ୟାର ସମାଧାନର ଉପାୟ ହେଲା ଏହି ଶକ୍ତିକୁ ଜୀବନରେ ଗ୍ରହଣ କରି ତାହାରି ଦ୍ୱାରା ଜୀବନ ଓ ସମାଜକୁ ପରିବର୍ତ୍ତିତ କରିବା । ଆଜି ଆମ୍ଭେମାନେ ଏହି ସଂକଳ୍ପ କରୁଛୁ ଯେ ତାଙ୍କର ଅଧ୍ୟାତ୍ମ-ସିଦ୍ଧି ଭ୍ରାନ୍ତ ସମାଜକୁ ଯଥାର୍ଥ ପଥରେ ପରିଚାଳିତ କରୁ ।

## ଅତିମାନସର ଅବତରଣ ଓ କ୍ରିୟା

[ପୂର୍ବ ପ୍ରବନ୍ଧଟି 'ସମାଜ'ର ଅଗଷ୍ଟ ପନ୍ଦର (୧୯୬୧) ବିଶେଷାଙ୍କରେ ପ୍ରକାଶିତ ହେବା ପରେ ଓଡ଼ିଶାର ବିଭିନ୍ନ ମହଲରୁ ଏହି ପ୍ରବନ୍ଧୋକ୍ତ 'ଅତିମାନସ ଶକ୍ତିର ଅବତରଣ ଓ କ୍ରିୟା' ସମ୍ବନ୍ଧରେ ଅନେକ ପ୍ରଶ୍ନ ପଚରା ଯାଇଥିଲା । ଜନୈକ ପ୍ରଶ୍ନକର୍ତ୍ତାଙ୍କୁ ଏହି ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଯେପରି ଉତ୍ତର ଦିଆଯାଇଥିଲା ତାହା ନିମ୍ନ ପ୍ରବନ୍ଧରେ ସନ୍ନିବେଶିତ ହୋଇଛି । ଆଶାକରୁ, ପାଠକମାନେ ଏହି ପ୍ରବନ୍ଧଟି ପାଠ କରି ବିଶେଷ ଉପକୃତ ହେବେ ।]

ଦୈନିକ 'ସମାଜ'ର ଅଗଷ୍ଟ ପନ୍ଦର ବିଶେଷାଙ୍କର ପ୍ରକାଶିତ ''ଶ୍ରୀଅରବିନ୍ଦ ଓ ମାନବ-ସମାଜର କଲ୍ୟାଣ'' ପ୍ରବନ୍ଧଟି ପଢ଼ି ପତ୍ର ଦ୍ୱାରା ଆପଣ ଯେଉଁ ପ୍ରଶ୍ନ କରିଛନ୍ତି ତା'ର ଉତ୍ତର ଦେବାକୁ ଚେଷ୍ଟା କରିବି । ମୁଁ ଆପଣଙ୍କୁ ଅନୁରୋଧ କରେ ଯେ ଶ୍ରୀଅରବନ୍ଦଙ୍କ ଯୋଗ, ଦର୍ଶନ ଓ ଅତିମାନସ ସମ୍ବନ୍ଧେ ଯଦି ଜାଣିବାକୁ ଚାହାନ୍ତି, ତେବେ ଶ୍ରୀଅରବନ୍ଦଙ୍କ ଦର୍ଶନ – ''The Life Divine'', ''The Synthesis of Yoga'', ''Essays on The Gita'' ଆଦି ଗ୍ରନ୍ଥ ପଢ଼ନ୍ତୁ । ଯଥାର୍ଥ ଭାବେ ଜାଣିବାକୁ ହେଉ ଅଥବା ସମାଲୋଚନା କରିବାକୁ ହେଉ, ଉଭୟ ସକାଶେ ବି ଶ୍ରୀଅରବିନ୍ଦଙ୍କ ଦର୍ଶନ ପଢ଼ିବା ଉଚିତ । ଶ୍ରୀଅରବିନ୍ଦଙ୍କ ଦର୍ଶନ ନ ଜାଣି ସେ ବିଷୟରେ ଆଲୋଚନା କରିବା ଯୁକ୍ତିଯୁକ୍ତ ନୁହେଁ ।

ଆପଣଙ୍କ ପ୍ରଶ୍ନର ସାରାଂଶ ହେଲା ଏହି :

ପ୍ରଶ୍ନ : ଶ୍ରୀଅରବିନ୍ଦ ଦୀର୍ଘକାଳ ତପସ୍ୟା କରି ମାନବଜାତିର ଓ ଜଗତର କଲ୍ୟାଣ ସକାଶେ ଯେଉଁ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଅଛନ୍ତି, ପ୍ରତିଷ୍ଠା କରିଛନ୍ତି ଯେଉଁ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ପୂର୍ଣ୍ଣ ରୂପାନ୍ତର ହେବ, ସେହି ଅତିମାନସ ଶକ୍ତି କ'ଣ ? ଅତିମାନସ ଶକ୍ତି କେଉଁଠାରେ ଅବତରଣ କରିଛି ? ତାହା ସ୍ଥୂଳ ରୂପେ ନା ସୂକ୍ଷ୍ମ ରୂପେ କାର୍ଯ୍ୟ କରୁଅଛି ?

ଉତ୍ତର : ଅତିମାନସ ଶକ୍ତି ଆଦ୍ୟାଶକ୍ତିଙ୍କ ସ୍ୱରୂପ ବା ଭଗବାନଙ୍କ ଶକ୍ତି । ସୃଷ୍ଟିର ସର୍ଜନା, ପାଳନ, ସଂହାର କରିବା ଇତ୍ୟାଦି ସକାଶେ ଯେପରି ଭଗବାନଙ୍କର ବହୁତ ଶକ୍ତି ଅଛନ୍ତି, ସେହିପରି ବିଶ୍ୱଶକ୍ତି, ବିଶ୍ୱର ନିୟମ ଅଜ୍ଞାନ, ଅସତ୍ୟ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ ଦିବ୍ୟତ୍ୱରେ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ମଧ୍ୟ ଭଗବାନଙ୍କର ଅଛି । ସେହି ଶକ୍ତି ପରାର୍ଦ୍ଧର ଜ୍ଞାନ, ଆନନ୍ଦ, ପରମ ଶାନ୍ତି, ସମତ୍ୱ ଇତ୍ୟାଦି ଦିବ୍ୟରୂପ ଧାରଣ କରିଥାଏ । ସେ କ୍ରିୟାଶୀଳ ଥାଏ ପରାର୍ଦ୍ଧର ଭଗବତ୍ ଦିବ୍ୟଧାମ ସାକେତ, ଗୋଲୋକ, ବୈକୁଣ୍ଠ ତଥା ସଚ୍ଚିଦାନନ୍ଦ ଲୋକରେ । କିନ୍ତୁ ଅପରାର୍ଦ୍ଧର ଏହି ମୃତ୍ୟୁପୁରୀ ତଥା ଅଧଃସ୍ଥ ଅର୍ଦ୍ଧଚେତନା, ଅବଚେତନାର ସ୍ତର, ଊର୍ଦ୍ଧ୍ୱସ୍ଥ ପ୍ରାଣ ଓ ମାନସ ସ୍ତରରେ ତାହା ଅପ୍ରକାଶ୍ୟ ଥାଏ । ସେହି କାରଣରୁ ପରାର୍ଦ୍ଧ ଭଗବତ୍ ଦିବ୍ୟଧାମ, ଏବଂ ଅପରାର୍ଦ୍ଧ ଏହି ମୃତ୍ୟୁପୁରୀରେ ବ୍ୟବଧାନ ବରାବର ଥାଏ । ପରାର୍ଦ୍ଧରେ ଜ୍ଞାନ, ପରମାନନ୍ଦ, ପରମଶାନ୍ତି, ଅମୃତତ୍ୱ, ଅପରାର୍ଦ୍ଧରେ ମୃତ୍ୟୁ, ରୋଗ, ଦୁଃଖ, କଷ୍ଟ, ଶୋକ, ଅଜ୍ଞାନ । ଏହାହିଁ ଉଭୟ ଲୋକରେ ବ୍ୟବଧାନ । ଏହି ବ୍ୟବଧାନ ଦୂର ହୁଏ, ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ପୃଥିବୀର ବ୍ୟକ୍ତି ତଥା ବସ୍ତୁକୁ ଦିବ୍ୟତ୍ୱରେ ରୂପାନ୍ତରିତ କଲେ ।

ଅପର ପକ୍ଷେ, ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ପରମ ବ୍ରହ୍ମ ଏକ ଅଦ୍ୱିତୀୟ ପରାତ୍ପର ତତ୍ତ୍ୱ ସୃଷ୍ଟି କରିବା ସଂକଳ୍ପରେ ଈଶ୍ୱର ଆଉ ଶକ୍ତି ରୂପେ ପ୍ରକଟ ହୁଅନ୍ତି । ଏହି ପରମା ଆଦ୍ୟା ପରାତ୍ପରା ସୃଜନୀ ଶକ୍ତି ସୃଷ୍ଟି କରିବାକୁ

ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ବିଗ୍ରହରେ ମହାକାଳୀ, ମହେଶ୍ୱରୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପ୍ରକଟ ହୁଅନ୍ତି । ସେହି ଆଦ୍ୟାଶକ୍ତି, ସୀତା, ରାଧା ରୂପେ ଅବତାର ମଧ୍ୟ ନିଅନ୍ତି । କ୍ରିୟା ସକାଶେ ଭିନ୍ନ ଭିନ୍ନ ରୂପ ଧାରଣ କଲେ ସୁଦ୍ଧା ତତ୍ତ୍ୱତଃ ସେ ସବୁ ଏକହିଁ ଆଦ୍ୟାଶକ୍ତି । ସେହି ଆଦ୍ୟାଶକ୍ତିଙ୍କର ସର୍ବସାମର୍ଥ୍ୟ ସର୍ବଦା ବିଦ୍ୟମାନ ଥାଏ, କିନ୍ତୁ ଜଗତର ଆବଶ୍ୟକତା ଅନୁସାରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ସକାଶେ ସେ ନିର୍ଦ୍ଦିଷ୍ଟ ଶକ୍ତିକୁ ସୃଷ୍ଟିରେ ପ୍ରକାଶ କରନ୍ତି । ଅତିମାନସ (Super Mind) ହେଉଛି ସେହି ପରାତ୍ପର ଜନନୀଙ୍କ ସ୍ୱରୂପ, ଯାହା ଏପର୍ଯ୍ୟନ୍ତ ଏହି ପୃଥିବୀରେ ପ୍ରକଟ ହୋଇ ନ ଥିଲା ।

ସେହି ଶକ୍ତିକୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ନିଜ ତପସ୍ୟାରେ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ଉତାରି ଆଣିବାର ଅର୍ଥ : ସେ ଶକ୍ତି ସର୍ବତ୍ର ଓତପ୍ରୋତ ଏବଂ ଊର୍ଦ୍ଧ୍ୱରେ ବିଦ୍ୟାମାନ ଯେପରି ଭଗବାନ୍ ସର୍ବବ୍ୟାପକ ଏବଂ ଊର୍ଦ୍ଧ୍ୱଲୋକରେ ସ୍ଥିତ । ତଥାପି ଊର୍ଦ୍ଧ୍ୱକୁ ଅବତରଣ କରି ଶ୍ରୀରାମ, ଶ୍ରୀକୃଷ୍ଣ ଆଦି ରୂପେ ପ୍ରକଟ ହେବା ସଦୃଶ ଅତିମାନସ ଶକ୍ତି ସମସ୍ତ ବସ୍ତୁରେ ଓତପ୍ରୋତ ଥିବା ସତ୍ତ୍ୱେ ଊର୍ଦ୍ଧ୍ୱରୁ ଅବତରଣ କରିବା ଫଳରେ ଜଡ଼ ଓ ନିଶ୍ଚେତନାରେ ନିହିତ ଅତିମାନସ ଶକ୍ତି ମଧ୍ୟ ପ୍ରକାଶିତ ହୋଇଅଛି । ଏହା ହେଲା ''ଅତିମାନସ ଶକ୍ତି''ର ଅର୍ଥ । ଏହା ଅବତରଣ କରିଛି ସୂକ୍ଷ୍ମ ରୂପେ ଏହି ପୃଥିବୀର ଜଡ଼ତତ୍ତ୍ୱରେ ।

ପ୍ରଶ୍ନ : ଅତିମାନସ ଶକ୍ତି ସଶରୀରୀ ନା ଅଶରୀରୀ ?

ଉତ୍ତର : ଅତିମାନସ ଶକ୍ତି ଅଶରୀରୀ କ୍ରିୟାଶୀଳ ଶକ୍ତି ।

ପ୍ରଶ୍ନ : ଅତିମାନସ ଶକ୍ତି କେଉଁଠାରେ କି ରୂପେ ଅବତରଣ କରିଛି ?

ଉତ୍ତର : ଅତିମାନସ ଶକ୍ତି ଅବତରଣ କରିଛି ଏବଂ ରୂପାନ୍ତର କ୍ରିୟା କରୁଛି ମା'ଙ୍କ ଶରୀରରେ । 'ମା' ହେଉଛନ୍ତି ସମଗ୍ର ପୃଥିବୀ ଏବଂ ସମଗ୍ର ମନୁଷ୍ୟ ଜାତିର ପ୍ରତିନିଧି । ମା'ଙ୍କ ଶରୀରରେ ଅତିମାନସ ଶକ୍ତିର ଅବତରଣ ଅର୍ଥ ପୃଥିବୀରେ ମନ, ପ୍ରାଣ, ଶରୀରରେ ଅବତରଣ ।

ମନୁଷ୍ୟର ମନ-ପ୍ରାଣ-ଶରୀର, ବିଶ୍ୱଗତ ମନ, ପ୍ରାଣ, ଜଡ଼ର ସୀମିତ ରୂପ । ମନୁଷ୍ୟ ନିଜ ମନ, ପ୍ରାଣ, ଶରୀରର ଚେତନାକୁ ବ୍ୟାପକ କଲେ

ପୃଥିବୀ ସଙ୍ଗେ ଏକ ହୋଇପାରେ । ଶ୍ରୀମା ନିଜ ମନ, ପ୍ରାଣ, ଶରୀରର ଚେତନାକୁ ବିଶ୍ୱ ମନ-ପ୍ରାଣ-ଜଡ଼ତତ୍ତ୍ୱ ସଙ୍ଗେ ଏକ କରି ଦେଇଅଛନ୍ତି । ତାଙ୍କର ମନ, ପ୍ରାଣ, ଶରୀରର ଚେତନା ସଙ୍ଗେ ବିଶ୍ୱ-ଚେତନାର କୌଣସି ପ୍ରଭେଦ ନାହିଁ । ଶ୍ରୀମା ଶ୍ରୀଅରବିନ୍ଦ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ଶାରୀରିକ ମନରେ ଉତାରି ଆଣିଥିଲେ । ତାଙ୍କ ମାନସ-ଚେତନା, ବିଶ୍ୱଚେତନା ସଙ୍ଗେ ଏକ ଥିବାରୁ ତାହା ବିଶ୍ୱରେ ଅବତରଣ କଲା ବୋଲି କୁହା ହୋଇଛି । ଏହି ଅତିମାନସ ଶକ୍ତିର ଅବତରଣ ପରେ ଶ୍ରୀଅରବିନ୍ଦ ଭୌତିକ ଶରୀର ତ୍ୟାଗ କଲେ । ସେହି ଅତିମାନସ ଶକ୍ତି ମା'ଙ୍କ ଦ୍ୱାରା କ୍ରିୟାଶୀଳ ହୋଇ ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ଜଡ଼ ଭୌତିକ ସ୍ତରରେ ଆବିର୍ଭୂତ ହେଲା । ଏ ସମ୍ବନ୍ଧେ ଶ୍ରୀମା ନିମ୍ନଲିଖିତ ବାଣୀ ଦେଇଥିଲେ –

*"The Manifestation of the Supramental on earth is no more a promise but a living fact, a reality.*

*It is at work here and one day will come when the most blind, the most unconscious, even the most unwilling shall be obliged to recognise it."*

''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ, ଏହା ଗୋଟିଏ ଜୀବନ୍ତ ଓ ବାସ୍ତବ ସତ୍ୟ ।

ଆଜି ଏଠାରେ ଏହା କାର୍ଯ୍ୟ କରୁଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ, ଏବଂ ଅତି ମୂର୍ଖ ମଧ ଏହାକୁ ସ୍ୱୀକାର କରିବାକୁ ବାଧ ହେବେ ।''

ସେହି ଅତିମାନସ ଶକ୍ତି ମା'ଙ୍କ ମାଧମରେ ସମଗ୍ର ପୃଥିବୀର ବାତାବରଣରେ କ୍ରିୟା କରୁଛି । କିନ୍ତୁ ଯେଉଁମାନେ ଅଧ୍ୟାତ୍ମ ସାଧକ, ଯେଉଁମାନଙ୍କର ଚେତନା ବିକାଶପ୍ରାପ୍ତ ହୋଇଛି, ଯେଉଁମାନଙ୍କର ସୂକ୍ଷ୍ମ ଦୃଷ୍ଟି ଅଛି, ସେମାନେ ଏହି ଶକ୍ତିର କ୍ରିୟାକୁ ନିଜ ଚେତନାର ବିକାଶ ଅନୁସାରେ ବୁଝିପାରୁଛନ୍ତି । ଅନ୍ୟ ଯେଉଁ ଅଧ୍ୟାତ୍ମ ସାଧକମାନଙ୍କର ଚେତନା ଭୌତିକ

ସ୍ତରକୁ ଅତିକ୍ରମ କରି ନାହିଁ, ସେମାନେ ଯଦ୍ୟପି ଅତିମାନସ କ୍ରିୟାକୁ ସ୍ପଷ୍ଟ ରୂପେ ବୁଝି ପାରୁ ନାହାନ୍ତି, ତଥାପି ସାଧନାରେ ପୂର୍ବାପେକ୍ଷା ବର୍ତ୍ତମାନ ଅଧିକ ପ୍ରଗତି କରୁଛନ୍ତି ବୋଲି ଜାଣୁଛନ୍ତି ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ସଂସାରର କ'ଣ ଲାଭ ହେବ ?

ଉତ୍ତର : ସଂସାରରୁ ଦୁଃଖ, କଷ୍ଟ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଅସତ୍ୟ, ଅନ୍ୟାୟ, ଚୋରି, ଡକାୟତି, ମିଥ୍ୟାଚାର ଦୂର ହେବ । ଯେଉଁମାନେ ସାଧନା କରିବେ, ସେମାନେ ପୂର୍ଣ୍ଣ ରୂପେ ଅଜ୍ଞାନ, ମୃତ୍ୟୁ, ରୋଗ ବୃଦ୍ଧତ୍ୱରୁ ମୁକ୍ତ ହେବେ । ସେମାନଙ୍କ ସମସ୍ତ ସତ୍ତା ମନ, ପ୍ରାଣ, ଶରୀର ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହେବ । ସେମାନେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ହେବେ ଅତିମାନସ ଶକ୍ତି ଦ୍ୱାରା ସେହିମାନେ ହେବେ ଅତିମାନବ । ସଂସାର ପରିଣତ ହେବ ସ୍ୱର୍ଗରେ । ଏହି ରୂପାନ୍ତର ମାର୍ଗରେ ସାଧକମାନେ ଯେତେ ଯେତେ ଅଗ୍ରସର ହେଉଥିବେ ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେଉଥିବ । ଯେତେବେଳେ ମା'ଙ୍କର ଏବଂ ଅନ୍ୟ କେତେକ ସାଧକମାନଙ୍କର ରୂପାନ୍ତର ସମାପ୍ତ ହେବ, ସେତେବେଳେ ଏହି ମୃତ୍ୟୁପୁରୀ ତଥା ସାକେତ, ଗୋଲୋକ, ବୈକୁଣ୍ଠାଦି ଦିବ୍ୟ ଧାମ ମଧ୍ୟରେ ଆଉ ବ୍ୟବଧାନ ରହିବ ନାହିଁ । ସେହିସବୁ ଦିବ୍ୟଧାମ ଏହି ମୃତ୍ୟୁପୁରୀରେ ଉତରି ଆସିବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ ।

ଯେପର୍ଯ୍ୟନ୍ତ ମନୁଷ୍ୟର ଅନ୍ତରରୁ ହିଂସା, ଦ୍ୱେଷ ଦୂର ନ ହୋଇଛି ସେପର୍ଯ୍ୟନ୍ତ ବାହ୍ୟ ନୈତିକ, ସାମାଜିକ, ରାଜନୈତିକ ଶାସନ ଦ୍ୱାରା ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରାଯାଇ ପାରିବ ନାହିଁ, କିଂବା ଏକକୁ ଅନ୍ୟ ଯଥାର୍ଥ ଭାବେ ଭଲ ପାଇପାରିବ ନାହିଁ । ଏହା ହେବ କେବଳ ଅତିମାନସ ଶକ୍ତି ଦ୍ୱାରା । ଏହି ରୂପାନ୍ତର କାର୍ଯ୍ୟ ଶୀଘ୍ର ବା ବିଳମ୍ବରେ ହେବା ନିର୍ଭର କରିବ ବ୍ୟକ୍ତି ଉପରେ । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହାକୁ ସ୍ୱୀକାର କରିବେ ତେତେ ଅଧିକ ପରିମାଣରେ ବିଶ୍ୱର ବାତାବରଣ ଶୁଦ୍ଧ ହେବ ଏବଂ ସଂସାରରୁ ଦୁଃଖ, କଷ୍ଟ ଦୂର ହେବ ।

କ୍ରମବିକାଶର ଧାରା ଅନୁସାରେ ପ୍ରକୃତି ଜଡ଼ରୁ ବୃକ୍ଷଲତା, ପଶୁ, ପକ୍ଷୀରୁ ଆଣି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚାଇ ଦେଇଛି । ମନୁଷ୍ୟର ମନ ଏତେ ବିକଶିତ ହୋଇସାରିଛି ଯେ ସେଠାରେ ଆଉ ସେ ରହିପାରିବ ନାହିଁ । ଏହାକୁ ଅବଶ୍ୟ ଅତିକ୍ରମ କରିବ । ଏହିସବୁ ଅବସ୍ଥା ଅତିକ୍ରମ କରିବାରେ ବହୁତ ସମୟ ଲାଗେ ଆଉ ଅପାର ଦୁଃଖ, ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ହୁଏ । କମ୍ ସମୟରେ ଦୁଃଖ, କଷ୍ଟରୁ ରକ୍ଷା ପାଇବା ସକାଶେ ରୂପାନ୍ତର ଅତିମାନସ ଯୋଗ ଆବଶ୍ୟକ ହୁଏ । ଅନ୍ୟ ଦିଗରେ – ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ପ୍ରକୃତି ସ୍ୱୟଂ ଚାଳନା କରିଆସିଛି, ସେସବୁର ମନ ବୁଦ୍ଧି ନ ଥିଲା । ବର୍ତ୍ତମାନ ମନୁଷ୍ୟ ମନ, ବୁଦ୍ଧି ପ୍ରାପ୍ତ ହୋଇଛି । ସେ ବୃକ୍ଷ, ପଶୁ, ପକ୍ଷୀମାନଙ୍କ ପରି ପ୍ରକୃତି ଦ୍ୱାରା ମେସିନ୍ ସଦୃଶ ପରିଚାଳିତ ହେଉ ନାହିଁ । ବହୁତ କମ୍ ପରିମାଣରେ ହେଲେ ସୁଦ୍ଧା ପ୍ରକୃତିର କ୍ରିୟାରେ ହସ୍ତକ୍ଷେପ କରୁଛି । ସେଥିପାଇଁ ଜଡ଼-ବିବର୍ତ୍ତନ ପରି ପ୍ରକୃତି ମନୁଷ୍ୟକୁ ଅତିମାନସରେ ପହଞ୍ଚାଇଦେବ ନାହିଁ, କିନ୍ତୁ ନିଜର ମନ୍ଥର ଗତିରେ ବହୁକାଳ ପର୍ଯ୍ୟନ୍ତ ମନୁଷ୍ୟକୁ ଜନ୍ମ-ମୃତ୍ୟୁ, ଦୁଃଖ-କଷ୍ଟ ମାର୍ଗରେ ନେଇ ଏପରି ଅବସ୍ଥାରେ ପକାଇବ ଯେଉଁଥିରେ ସେ ବାଧ୍ୟ ହୋଇ ସଚେତଭାବରେ ଅତିମାନସ ଶକ୍ତିର ସାହାଯ୍ୟ ଚାହିଁବ ଏବଂ ତାହାରି ସାହାଯ୍ୟରେ ମନରୁ ଅତିମାନସରେ ଆରୋହଣ କରିବ । ଦୀର୍ଘ କାଳରୁ ସ୍ୱଳ୍ପ ଏବଂ ଅନନ୍ତ ଦୁଃଖ-କଷ୍ଟରୁ ଲାଘବ କରିବା ସକାଶେ ଶ୍ରୀଅରବିନ୍ଦ ଅତିମାନସ ମହାଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଛନ୍ତି ।

ପ୍ରଶ୍ନ : ଯଦି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟ ଅତିମାନବରେ, ପୃଥିବୀ ସ୍ୱର୍ଗରେ ପରିଣତ ହୁଏ, ତେବେ ଏହା ପୂର୍ବରୁ ହୋଇଥିଲେ ମନୁଷ୍ୟଜାତି ଦୁଃଖକଷ୍ଟ ଭୋଗିବା ପୂର୍ବରୁ ମୁକ୍ତ ହୋଇଥା'ନ୍ତା, ଏତେ ବିଳମ୍ବରେ ହେବାର କାରଣ କ'ଣ ?

ଉତ୍ତର : ଗଛରେ ପତ୍ର, ପୁଷ୍ପ ଆସିବା ପୂର୍ବରୁ ଫଳ ଧରେ ନାହିଁ । ସେହିପରି କ୍ରମବିବର୍ତ୍ତନ ଅନୁସାରେ ମନ ପ୍ରାପ୍ତ ହୋଇ ପୂର୍ଣ୍ଣ ବିକାଶ ହେବା ପରେ ତାକୁ ଅତିକ୍ରମ କରି ଅତିମାନସକୁ ଯିବା ସମ୍ଭବ ହୁଏ । ମନ ବିକଶିତ ହେବା ପୂର୍ବରୁ ଲମ୍ଫ ଦେଇ ଅତିମାନସକୁ ଯିବା ସମ୍ଭବ ନୁହେଁ ।

ପ୍ରଶ୍ନ : ପୂର୍ବେ ବଡ଼ ବଡ଼ ଭଗବତ୍ ଅବତାର ହେଲେ, ବହୁତ ମହାପୁରୁଷ ଆବିର୍ଭୂତ ହେଲେ, ସେମାନେ ଅତିମାନସକୁ ଉତାରି ଆଣିବାକୁ ପ୍ରଯତ୍ନ କଲେ ନାହିଁ କାହିଁକି ?

ଉତ୍ତର : ସମୟ ଆସି ନ ଥିଲା । ମାନସ ଚେତନାର ବିକାଶ ସମାପ୍ତ ହେଲେ, ଅତିମାନସ ଚେତନା ଅବତରଣ କରେ । ବର୍ତ୍ତମାନ ସମୟ ଆସିଛି, ମାନସ ବିକାଶ ହୋଇସାରିଛି । ପୂର୍ବେ କୁହାହୋଇଛି କ୍ରମବିବର୍ତ୍ତନ ଗତିରେ ଜଡ଼ରୁ ପଶୁ ପର୍ଯ୍ୟନ୍ତ ପ୍ରକୃତି ସ୍ୱୟଂ ପରିଚାଳିତ କରୁଥିଲା । ବର୍ତ୍ତମାନ ମନୁଷ୍ୟକୁ ମନ ପ୍ରାପ୍ତ ହୋଇଛି; ସେ ପ୍ରଯତ୍ନ କରି ତାହାର ବିବର୍ତ୍ତନ ସମୟକୁ କମ୍ କରିପାରିବ । ତାକୁ ସାହାଯ୍ୟ କରିବା ପାଇଁ ଆବଶ୍ୟକ ସମୟରେ ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ରାମ, କୃଷ୍ଣ, ବୁଦ୍ଧ, ଚୈତନ୍ୟ ରୂପେ ଅଥବା ବିଭୂତି ଏବଂ ମହାପୁରୁଷ, ଶଙ୍କର, ରାମାନୁଜ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ରୂପେ ଆସନ୍ତି ।

ବର୍ତ୍ତମାନ ମନୁଷ୍ୟ-ମନ ବିକଶିତ ହୋଇସାରିଛି, ସେ ଆଉ ସେହି ସ୍ତରରେ ରହିବ ନାହିଁ, କାରଣ, ମନର ବିକାଶ ଦ୍ୱାରା ସେ ମାରାତ୍ମକ ଶକ୍ତି ପ୍ରାପ୍ତ ହୋଇଛି; କିନ୍ତୁ ପ୍ରାଣ ଆଉ ମନ-ବୁଦ୍ଧି ଉପରେ ମନୁଷ୍ୟର ନିୟନ୍ତ୍ରଣ ନାହିଁ ସେସବୁର ସ୍ୱଭାବ ଅହଂତୁଷ୍ଟି, ସ୍ୱାର୍ଥସିଦ୍ଧି, ହିଂସା, ଦ୍ୱେଷ, ଈର୍ଷା, ବିରୋଧାଦି ଅନ୍ଧକାର ଶକ୍ତିର ବଶତା ସ୍ୱୀକାର କରିବା । ଏପରି ଅବସ୍ଥାରେ ତାହାର ନିଜ ଶକ୍ତି ଦ୍ୱାରା ନିଜର ବିନାଶ ସ୍ୱାଭାବିକ । ଏପରି ସ୍ଥଳେ, ମନୁଷ୍ୟର ମନ-ପ୍ରାଣର ସଂଯମ ସକାଶେ ଅତିମାନସ ଶକ୍ତିର ଆବଶ୍ୟକ । ତାହାହିଁ କେବଳ ନିଜର ଶକ୍ତି, ଜ୍ଞାନ, ପ୍ରକାଶ, ପ୍ରେମ ଦ୍ୱାରା ମନୁଷ୍ୟକୁ ଯଥାର୍ଥ ମାର୍ଗରେ ପରିଚାଳିତ କରି ପ୍ରାପ୍ତ ଶକ୍ତିର ସଦୁପଯୋଗ କରିବାରେ ସାହାଯ୍ୟ କରିପାରେ । ବର୍ତ୍ତମାନ ତା'ର ସମୟ ଆସିଛି । ଏହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଆସିଛନ୍ତି ।

କ୍ରମ-ବିବର୍ତ୍ତନ ଅନୁସାରେ ବିକାଶରେ ବିଧାନ ପ୍ରତ୍ୟେକ ମନୁଷ୍ୟ ସକାଶେ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସମନ୍ୱୟ । ତାଙ୍କ ଯୋଗ ସମସ୍ତ ପୁରାତନ ଯୋଗର ସମନ୍ୱୟ । ତାଙ୍କ ଯୋଗ

ସମସ୍ତ ଆଧ୍ୟାତ୍ମିକ ଓ ଧର୍ମର ପରିପୋଷକ । ଶ୍ରୀଅରବିନ୍ଦ ବିନା ସାଧନାରେ ପୁରାତନ ଯୋଗର ଅଦ୍ୱୈତ ଏବଂ ଭଗବତ୍ ପ୍ରାପ୍ତି – ଏହି ଦୁଇ ସିଦ୍ଧି ପ୍ରାପ୍ତ କଲେ, ଯେତେବେଳେ ସେ ବିଲାତରୁ ଆସି ଭାରତକୁ ସ୍ୱତନ୍ତ୍ର କରିବା ଲାଗି ରାଜନୈତିକ କାର୍ଯ୍ୟ କରୁଥିଲେ ।

ବରୋଦାରେ ଥିବା ସମୟରେ ଅଧ୍ୟାତ୍ମ-ସାଧନା ଦ୍ୱାରା ଶକ୍ତି ପ୍ରାପ୍ତ ହୋଇ ଭାରତକୁ ସ୍ୱତନ୍ତ୍ର କରିବା ଉଦ୍ଦେଶ୍ୟରେ ତାହାର ଆନୁସଙ୍ଗିକ ରୂପେ ସାଧନା କରୁଥିଲେ । ସେହି ସାଧନା ଦ୍ୱାରା ଅପ୍ରତ୍ୟାଶିତ ରୂପେ ପ୍ରାପ୍ତ ହେଲା ଅଦ୍ୱୈତ ସିଦ୍ଧି । ବୋମା କେଶ୍‌ରେ ଆଲିପୁର ଜେଲରେ ରାଜବନ୍ଦୀ ରୂପେ ଥିବା ସମୟରେ ତାଙ୍କୁ ପ୍ରାପ୍ତ ହେଲା ଭାଗବତ ସିଦ୍ଧି । ଏହି ଦୁଇ ସିଦ୍ଧି ସମସ୍ତ ପୁରାତନ ଯୋଗର ଲକ୍ଷ୍ୟ । ଯେକୌଣସି ଅଧ୍ୟାତ୍ମ ସାଧକ ଜନ୍ମଜନ୍ମାନ୍ତର ସାଧନା କରି ଏହି ଦୁଇ ସିଦ୍ଧି ମଧ୍ୟରୁ ଗୋଟିଏ ସିଦ୍ଧି ପ୍ରାପ୍ତ ହୁଏ ସେଥିରେ ସେ କୃତକୃତ୍ୟ ହୋଇଯାଏ । ଶ୍ରୀଅରବିନ୍ଦଙ୍କୁ ଏହି ଦୁଇ ସିଦ୍ଧି ଅନାୟାସରେ ପ୍ରାପ୍ତ ହେବା ପରେ ଆଉ କିଛି କରିବାକୁ ହୋଇ ନ ଥା'ନ୍ତା । କିନ୍ତୁ ଏହା ଥିଲା ବ୍ୟକ୍ତିଗତ । ଏଥିରେ ଜଗତର ସାମୂହିକ ରୂପେ କଲ୍ୟାଣ ହୋଇ ନ ଥା'ନ୍ତା । ସେ ଚାହୁଁଥିଲେ ଜଗତର କଲ୍ୟାଣ । ସେଥିପାଇଁ ସେ ନିଜ ସୁଖରେ ସୁଖୀ ନ ହୋଇ ଜଗତର ସୁଖ ସକାଶେ ୧୯୧୦ ସାଲରେ ଭଗବତ୍ ନିର୍ଦ୍ଦେଶରେ ଚନ୍ଦନ ନଗରରୁ ଆସି ପଣ୍ଡିଚେରୀରେ ୧୯୫୦ ସାଲ ପର୍ଯ୍ୟନ୍ତ ଏକାନ୍ତ କକ୍ଷରେ କଠୋର ସାଧନା କଲେ, ୧୯୨୬ ସାଲ ନଭେମ୍ବର ୨୪ ତାରିଖରେ ଶ୍ରୀମା' ଏବଂ ଶ୍ରୀଅରବିନ୍ଦଙ୍କୁ ଏକ ସଙ୍ଗେ ସିଦ୍ଧି ପ୍ରାପ୍ତ ହେଲା । ସେ ସିଦ୍ଧି ଥିଲା ଅଧିମାନସ (Overmind) ସିଦ୍ଧି, ଯାହା ଦ୍ୱାରା ସେ ଅତିମାନସ (Supermind)ର ଯଥାର୍ଥ ଜ୍ଞାନ ଓ ଯଥାର୍ଥ ମାର୍ଗ ପ୍ରାପ୍ତ ହୋଇ ତାହାରି ଆଡ଼କୁ ଅଗ୍ରସର ହେଲେ । ୧୯୨୬ ସାଲରୁ ଅତିମାନସକୁ ପୃଥିବୀକୁ ଉତାରି ଆଣିବା ସକାଶେ ତୀବ୍ର ସାଧନା କରି ୧୯୫୦ ସାଲରେ ତାକୁ ଉତାରି ଆଣି ଶ୍ରୀଅରବିନ୍ଦ ଶରୀର ତ୍ୟାଗକଲେ । ସେହି ଶକ୍ତି ତାଙ୍କ ଶରୀରରେ ପାଞ୍ଚଦିନ ଅବଧି ଥିଲା । ସେଥିପାଇଁ ତାଙ୍କ ଶରୀର ବିକୃତ ହୋଇ ନ ଥିଲା ।

ପ୍ରଶ୍ନ : ଅତିମାନସ ଶକ୍ତି ବର୍ତ୍ତମାନ ରୂପାନ୍ତର କାର୍ଯ୍ୟ କରୁଛି, ତାହା ଆମ୍ଭେମାନେ ଜାଣିବୁ କିପରି ? ତାହାର ଚିହ୍ନ କ'ଣ ?

ଉତ୍ତର : ପୁରାତନ ଯୋଗର ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଅଧ୍ୟାତ୍ମ ସାଧନା ବା ସିଦ୍ଧି ଅବସ୍ଥା ତୁମେ ଯେପରି ସ୍ଥୂଳ ଚକ୍ଷୁରେ ଦେଖିପାର ନାହିଁ; କିଂବା ଭୌତିକ ମନରେ ବୁଝିପାର ନାହିଁ ସେହିପରି ବର୍ତ୍ତମାନ ଅତିମାନସ ରୂପାନ୍ତର ଅବସ୍ଥା । ଯେତେବେଳେ ଏହି ସ୍ଥୂଳ, ଜଡ଼ ଶରୀର ରୂପାନ୍ତରିତ ହୋଇଯିବ, ସେତେବେଳେ ଏହି ସ୍ଥୂଳ ନେତ୍ରରେ ଦେଖିପାରିବ । ଯେପର୍ଯ୍ୟନ୍ତ ଭୌତିକ ଶରୀର ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ ଏହି ଭୌତିକ ଦୃଷ୍ଟି ତାହା ଦେଖି ପାରିବ ନାହିଁ । ବର୍ତ୍ତମାନ ତା'ର କାର୍ଯ୍ୟ ହେଉଛି ଭୌତିକ ଦୃଷ୍ଟିର ପଶ୍ଚାତରେ । ଯେଉଁମାନେ ଅଧ୍ୟାତ୍ମ ସାଧନା ଦ୍ୱାରା ଅତିମାନସ ଶକ୍ତିର କ୍ରିୟାକୁ ଦେଖିବାର ଉପଯୁକ୍ତ ସୂକ୍ଷ୍ମଦୃଷ୍ଟି ପ୍ରାପ୍ତ ହୋଇଛନ୍ତି, ସେମାନେ ଦେଖୁଛନ୍ତି ।

କୌଣସି ସତ୍ୟ ବସ୍ତୁକୁ ଯୁକ୍ତିତର୍କ ଦ୍ୱାରା ମନ ବୁଝିପାରେ ନାହିଁ । ବୁଝିପାରେ ଶୁଦ୍ଧ, ଉନ୍ମୁକ୍ତ ହୃଦୟ । ତାହା କୌଣସି ଯୁକ୍ତି-ତର୍କ, କାର୍ଯ୍ୟ କାରଣକୁ ଅପେକ୍ଷା କରେ ନାହିଁ । ସେ ସିଧା ସତ୍ୟକୁ ଗ୍ରହଣ କରେ । ଯୁକ୍ତି-ବୁଦ୍ଧି ଦ୍ୱାରା ସେହି ସତ୍ୟ ଅପ୍ରମାଣ ହେଲେ ସୁଦ୍ଧା ସେଥିପ୍ରତି ସେ ଭ୍ରୂକ୍ଷେପ କରେ ନାହିଁ । ହୃଦୟର ସତ୍ୟ-ନିଷ୍ଠାକୁ ଯୁକ୍ତି ବୁଦ୍ଧି ବିଚଳିତ କରିପାରେ ନାହିଁ, କାରଣ ଉନ୍ମୁକ୍ତ ହୃଦୟ ସିଧା ସତ୍ୟର ସ୍ପର୍ଶ ପାଏ । ବହୁତ କ୍ଷେତ୍ରର ମନ ଅଧିକ ବିକଶିତ ଥାଇ ଶୁଦ୍ଧ ନ ହୋଇଥିଲେ ହୃଦୟର ସତ୍ୟ-ଗ୍ରହଣକୁ ବୁଝିପାରେ ନାହିଁ, ବାଖ୍ୟା କରିପାରେ ନାହିଁ । କେବେ କେବେ ହୃଦୟଗ୍ରାହୀ ସତ୍ୟରେ ନିଜର ସନ୍ଦେହ ବି ଆରୋପ କରେ; ତଥାପି ଏପରି ଅବସ୍ଥାରେ ବି ହୃଦୟର ନିଷ୍ଠା ବିଚଳିତ ହୁଏ ନାହିଁ । ସ୍ୱାମୀ ବିବେକାନନ୍ଦ କାଳୀ ବିଗ୍ରହକୁ ପ୍ରତ୍ୟକ୍ଷ ଦର୍ଶନ କରିବାପରେ ସ୍ୱାମୀ ବ୍ରହ୍ମାନନ୍ଦ ତାଙ୍କୁ କହିଲେ, ''ଏହା ତୁମର ମନର କଳ୍ପନା, ଗୋଟିଏ ମୂର୍ତ୍ତି ରୂପେ ତାହା ତୁମ ସାମନାରେ ପ୍ରଘଟ ହୋଇଥିଲା ।'' ସ୍ୱାମୀଜୀ କହିଲେ, ''ତୁମକୁ ଯଦି ଦର୍ଶନ ହୋଇଥା'ନ୍ତା ତୁମେ ଏପରି କହି ନ ଥା'ନ୍ତ'' ।

ଅନ୍ୟଟି ହେଲା – ଯୁକ୍ତିତର୍କ ଦ୍ୱାରା ବିଷୟଟି ମନକୁ ପାଇଗଲେ ମନୁଷ୍ୟ ତାକୁ ମାନିନିଏ, ଏହା ବହୁତ ଦୃଢ଼ ହୁଏ ନାହିଁ । କାରଣ ସତ୍ୟର ବହୁ ବିକୃତ ପ୍ରଭା ଯୁକ୍ତି-ବୁଦ୍ଧିରେ ଆସେ । ସେଥିପାଇଁ ବହୁତ ସମୟରେ ଯୁକ୍ତି ଦ୍ୱାରା ବ୍ୟକ୍ତି ଯେଉଁ ସତ୍ୟକୁ ଗ୍ରହଣ କରିଥାଏ, ତାହା ଅପେକ୍ଷା ପ୍ରବଳ ବିପରୀତ ଯୁକ୍ତି ଦ୍ୱାରା ସେହି ସତ୍ୟକୁ ତ୍ୟାଗ କରେ । କିନ୍ତୁ ଉନ୍ମୁକ୍ତ ହୃଦୟଗ୍ରାହୀ ସତ୍ୟ ବିରୁଦ୍ଧରେ ପ୍ରବଳ ଯୁକ୍ତି ବ୍ୟର୍ଥ ହୁଏ । ଯେଉଁ ଅଧ୍ୟାତ୍ମ ସାଧକମାନେ, ଉନ୍ମୁକ୍ତ ହୃଦୟରେ ଭଗବତ୍ ସତ୍ୟକୁ ଗ୍ରହଣ କରିଥାଆନ୍ତି ତାହା ବିରୁଦ୍ଧରେ ପ୍ରବଳ ଯୁକ୍ତି ବ୍ୟର୍ଥ ହେବାର ଦେଖାଯାଏ । ମନୁଷ୍ୟର ବୁଝିବାର ସମ୍ପତ୍ତି କେବଳ ମନ, ସେଥିପାଇଁ କୌଣସି ସତ୍ୟକୁ ମନ, ବୁଦ୍ଧି, ଯୁକ୍ତି ଦ୍ୱାରା ବୁଝିବାକୁ ଓ ବୁଝାଇବାକୁ ଚେଷ୍ଟା କରେ । କାରଣ ଏହା ଅଭ୍ରାନ୍ତ ନ ହେଲେ ସୁଦ୍ଧା ଏହାଛଡ଼ା ବୁଝିବାର ଅନ୍ୟ ଉପାୟ ନ ଥାଏ । ସୁତରାଂ ଯୁକ୍ତି ଦ୍ୱାରା କିଛି କାରଣ ସାହାଯ୍ୟରେ ଅତିମାନସର ବର୍ତ୍ତମାନ କ୍ରିୟାକୁ ବୁଝିବାକୁ ଚେଷ୍ଟା କରିବା ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ଯୁଗ-ପରିବର୍ତ୍ତନ ସମୟରେ ପୂର୍ବର ଗତାନୁଗତିକ ନୈତିକତା, ସାମାଜିକତା, ରୀତି-ନୀତି, କୁଳପ୍ରଥା, ସଦାଚାର ବା ଦେଶଗତ ଧର୍ମ, ଜାଗତିକ ଧର୍ମ, ସତ୍ୟ, ନ୍ୟାୟାଦି ହ୍ରାସ ହୁଏ । ବୃଦ୍ଧି ହୁଏ ଅଧର୍ମ, ଅତ୍ୟାଚାର, ପ୍ରବଞ୍ଚନା, ଚୋରି, କଳାବଜାର, ସ୍ୱାର୍ଥ, ଅହଂ, ଅନ୍ଧକାର ନିମ୍ନ ପ୍ରାଣଶକ୍ତିର ତାଣ୍ଡବନୃତ୍ୟ । ଧାର୍ମିକ, ବିଧର୍ମୀ, ଆଉ ମଧ୍ୟ ଶ୍ରେଣୀର ସମସ୍ତ ବ୍ୟକ୍ତିଙ୍କ ମନରେ ଆସେ ପୂର୍ବ ନୀତିନିୟମ ପ୍ରତି ଅବିଶ୍ୱାସ ଏବଂ ଉପସ୍ଥିତ ଜୀବନରେ ଅସନ୍ତୋଷ ।

ଅନ୍ୟ ଦିଗରେ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ହୃଦୟରେ ଗୋଟିଏ ଅତି କ୍ଷୀଣ କିନ୍ତୁ ଅମୋଘ ଜ୍ୟୋତିଃ ସ୍ଫୁଲିଙ୍ଗ ରୂପେ ଅଧ୍ୟାତ୍ମ ଶକ୍ତି ପ୍ରକାଶିତ ହୋଇ ସେମାନଙ୍କ ମନ-ବୁଦ୍ଧି, ହୃଦୟକୁ ଅଧ୍ୟାତ୍ମଭାବାପନ୍ନ କରି ସତ୍ୟ, ଜ୍ୟୋତିଃ, ଶାନ୍ତି, ଆନନ୍ଦ, ଜ୍ଞାନ, ଦିବ୍ୟପ୍ରେମ, ସମତା ଆଡ଼କୁ ଆକର୍ଷିତ କରେ ।

ଏହା ଏହି କାରଣରୁ ହୁଏ ଯେ, ଗୋଟିଏ ସତ୍ୟ ଆସି ଅନ୍ଧକାର ଶକ୍ତିର ରାଜ୍ୟରେ ପ୍ରବେଶ କଲେ ସେ ପ୍ରାଣପଣେ ପ୍ରଯତ୍ନ କରି ତାହାର ମାର୍ଗ ରୁଦ୍ଧ

କରିବାକୁ ଚାହେଁ । ବର୍ତ୍ତମାନ ଜଗତରେ ଠିକ୍ ଏହି ରୂପ ଦେଖା ଦେଇଛି । ପୁରାତନ ସମସ୍ତ ରୀତିନୀତି ଭାଙ୍ଗି ଯାଇ ବିଶୃଙ୍ଖଳ ହୋଇପଡ଼ିଛି । ଏହାକୁ ମରାମତି କରି ପୁନର୍ବାର ପୂର୍ବସ୍ଥିତିକୁ ଫେରାଇ ଆଣିବାର ଆଶା ଛାଡ଼ି ପ୍ରତ୍ୟେକ ବ୍ୟକ୍ତି ଏକ ଅଜ୍ଞାତ ପ୍ରେରଣାରେ କୌଣସି ଗୋଟିଏ ନୂତନ ବ୍ୟବସ୍ଥାକୁ ପ୍ରତୀକ୍ଷା କରୁଅଛନ୍ତି । ଏହାଛଡ଼ା ଅତିମାନସ ଶକ୍ତି ଅବତରଣ କରିବା ଦିନଠାରୁ ତାହାର ପ୍ରଭାବରେ ମନ, ପ୍ରାଣ, ଚୈତ୍ୟସତ୍ତା (ଅନ୍ତରାତ୍ମା)ର ବିକାଶ ଦୃଷ୍ଟିଗୋଚର ହେଉଛି ।

ଅଧ୍ୟାତ୍ମ ସାଧକମାନଙ୍କର ଅନ୍ତରାତ୍ମା ବିକାଶପ୍ରାପ୍ତ ହୋଇ ସେମାନଙ୍କୁ ପୂର୍ବାପେକ୍ଷା ଅଧିକ ତୀବ୍ରତା ସହ ସତ୍ୟ ଦିଗରେ ଅଗ୍ରସର କରାଉଛି । ମନବିକଶିତ ବ୍ୟକ୍ତିଙ୍କ ମନ ଉନ୍ନତ ହୋଇ ତାହାର ସ୍ୱଭାବ ଅନୁସାରେ ଅତ୍ୟାଶ୍ଚର୍ଯ୍ୟମୟ ନୂତନ ବସ୍ତୁ ଆବିଷ୍କାର କରୁଛି । ପ୍ରାଣ-ଉନ୍ନତ ବ୍ୟକ୍ତିଙ୍କ ପ୍ରାଣ ଅଧିକ ବିକଶିତ ହୋଇ ସୌନ୍ଦର୍ଯ୍ୟପୂର୍ଣ୍ଣ କଳାକୁ ବ୍ୟକ୍ତ କରୁଛି ଏବଂ ଜଗତର ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଅଜ୍ଞାନରେ, ନାନା ପ୍ରକାର ବାଧା-ବିପତ୍ତି ମାର୍ଗରେ ଗୋଟିଏ ଏକତା ଆଡ଼କୁ ନେଇଯାଉଛି ।

ଯୁକ୍ତି-ବୁଦ୍ଧି ଦ୍ୱାରା ଏହିସବୁ କ୍ରିୟାରୁ ଅତିମାନସ ଅବତରଣ ସମ୍ବନ୍ଧେ ଅନୁମାନ କରାଯାଇପାରେ । ଏହି ପ୍ରଣାଳୀ କେବଳ ଯୁକ୍ତିବାଦୀଙ୍କ ପାଇଁ । ଏହା ପୂର୍ବ ଅଧ୍ୟାତ୍ମ ଶକ୍ତି ପରି ସର୍ବଦା ଉନ୍ମୁକ୍ତ ହୃଦୟ ଦ୍ୱାରା ବୁଝିବାରେ ଆବଦ୍ଧ ହୋଇ ରହିବ ନାହିଁ । ଯେତେବେଳେ ଏହି ଶକ୍ତି ଭୌତିକ ଜଡ଼ ଶରୀରକୁ ରୂପାନ୍ତରିତ କରିବାକୁ ଆରମ୍ଭ କରିବ ସେତେବେଳେ ଏହି ସ୍ଥୂଳ ଦୃଷ୍ଟିରେ ଆମ୍ଭେମାନେ ତାହାର କ୍ରିୟା ଦେଖିପାରିବା ।

* * *

ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ମାନବ-ଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ କେଉଁ ଉପାୟ ଅବଲମ୍ବନ କରିବାକୁ ହେବ ଏବଂ କେଉଁ ମାର୍ଗ ଗ୍ରହଣ କରିବାକୁ ହେବ, କେବଳ ଏତିକି ମାତ୍ର ସେ ଆମ୍ଭମାନଙ୍କୁ ପ୍ରଘଟ କରି ନାହାନ୍ତି, ବରଂ ବ୍ୟକ୍ତିଗତଭାବେ ନିଜେ ତାହା ସିଦ୍ଧ କରି ଦୃଷ୍ଟାନ୍ତ ଦେଖାଇଛନ୍ତି । ଏହା କୁହାଯାଇପାରେ ଯେ ଏହା ଦ୍ୱାରା ସେ ପ୍ରମାଣିତ କରିଛନ୍ତି – ଏହି ଲକ୍ଷ୍ୟ ଅବଶ୍ୟ ହାସଲ କରିହେବ, ଏବଂ ବର୍ତ୍ତମାନହିଁ ସେହି ଲକ୍ଷ୍ୟକୁ ସିଦ୍ଧ କରିବାର ସମୟ ଉପସ୍ଥିତ ।

*

...ଯେହେତୁ ତୁମ୍ଭେମାନେ ବର୍ତ୍ତମାନ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ ବାସ କରୁଛ,– ଏ ସମ୍ବନ୍ଧରେ ତୁମ୍ଭେ ସଚେତନ ଥାଅ ବା ନ ଥାଅ, ତୁମ୍ଭେ ଏଥିପାଇଁ ଇଚ୍ଛା କର ବା ନ କର – ସେହି ହେତୁ ତୁମେ ତୁମ ନିଃଶ୍ୱାସରେ ଯେଉଁ ବାୟୁ ସେବନ କରୁଛ ତାହା ସହିତ ନୂତନ ଅତିମାନସ ତତ୍ତ୍ୱ (Supramental Substance)କୁ ଗ୍ରହଣ କରୁଛ । କାରଣ ତାହାହିଁ ପାର୍ଥିବ ପରିବେଶ ମଧ୍ୟରେ ଏବେ ବ୍ୟାପ୍ତ ହେଉଛି... ।

– ଶ୍ରୀମା

# ଅତିମାନସର
# ଅବତରଣ ଓ କ୍ରିୟା

ଶ୍ରୀ ପ୍ରପତ୍ତି

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

# ଅତିମାନସର
# ଅବତରଣ ଓ କ୍ରିୟା

ଶ୍ରୀ ପ୍ରପତ୍ତି

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

ଅତିମାନସର ଅବତରଣ ଓ କ୍ରିୟା
ଲେଖକ ଶ୍ରୀ ପ୍ରପତ୍ତି

ପ୍ରଥମ ମୁଦ୍ରଣ ୧୯୬୨
ଷଷ୍ଠ ପ୍ରକାଶନ ୨୦୧୧

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୧୯୬୨

ପ୍ରକାଶକ
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**ATIMANASARA ABATARANA O KRIYA** (Oriya)
by Sri Prapatti

First Edition 1962
6th Impression 2011

Price Rs. 10/-

© Sri Aurobindo Ashram Trust 1962

Published by Navajyoti Publication
A unit of Sri Aurobindo Ashram Publication Department
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ଯୋଗର ସର୍ବୋତ୍ତମ ସତ୍ୟ ଅତିମାନସ ତତ୍ତ୍ୱ । ଏହି ତତ୍ତ୍ୱର ଅବତରଣ ଦ୍ୱାରା ଏହି ଅଧସ୍ତନ ପୃଥିବୀ ଓ ଅଜ୍ଞାନାଚ୍ଛନ୍ନ ମାନବ-ଜୀବନର ରୂପାନ୍ତର ଘଟିବ ଏବଂ ନୂତନ ମାନବଜାତିର ଆବିର୍ଭାବ ହେବ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସାଧନାର ଏହାହିଁ ଚରମ ରହସ୍ୟ । ଏହି ଉଭୟ ପ୍ରବନ୍ଧରେ ଅତିମାନସ ତତ୍ତ୍ୱର ଅବତରଣ ଦ୍ୱାରା କିପରି ବର୍ତ୍ତମାନ ସମାଜର ପରମ କଲ୍ୟାଣ ସାଧିତ ହେବ ତାହା ସ୍ପଷ୍ଟ ରୂପେ ଆଲୋଚିତ ହୋଇଛି । ପାଠକମାନେ ଏହାକୁ ଗଭୀର ମନୋଯୋଗ ସହ ପାଠକଲେ ଏହାର ରହସ୍ୟ ଉପଲବ୍ଧି କରି ପାରିବେ ।

— ପ୍ରକାଶକ